ଗ୍ରାମୀଣ କୃଷି ମୌସମ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି



ପତ୍ର ସଂ –୧୫/୨୦୨୪ | ସପ୍ତାହ- ୦୮ | ମଙ୍ଗଳବାର, ତାରିଖ-୨୦.୦୨.୨୦୨୪


**ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :**

| | |
|---|---|
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୦/୦ |
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୪ ଠାରୁ) | ୨.୨/୦ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା ($^0$C) | ୩୪.୮ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା ($^0$C) | ୧୮.୮ |

**କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ପୂର୍ବାନୁମାନ – ୨୧.୦୨.୨୦୨୪ ରୁ ୨୫.୦୨.୨୦୨୪ ପର୍ଯ୍ୟନ୍ତ:**

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ତିନି ଦିନ ପାଗ ଶୁଷ୍କ ରହିବା ସହିତ ପରବର୍ତୀ ଦୁଇ ଦିନରେ ଅତୀବ ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟରେ ଆକାଶ ମୁଖ୍ୟତଃ ମେଘମୁକ୍ତ ରୁ ସାଧାରଣତଃ ମେଘୁଆ ରହିବା ସହିତ ଉକ୍ତ ସମୟ ମଧ୍ୟରେ ପବନ ପୂର୍ବ ରୁ ଦକ୍ଷିଣ-ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ୦୦୭ – ୦୧୧ କି.ମି. ବେଗରେ ବହିବାର ଆଶଙ୍କା ଅଛି। ଏହି ସମୟରେ ଦିନର ସର୍ବାଧିକ ତାପମାତ୍ରା ୩୪ - ୩୭ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୨ – ୨୩ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୪୬ – ୬୧ % ଓ ୧୫ – ୨୩ % ରହିବ ବୋଲି ଆଶା କରାଯାଏ ।

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା ($^0$ସେ.) | ସର୍ବନିମ୍ନ ତାପମାତ୍ରା ($^0$ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୨୧-୦୨-୨୦୨୪ | ୦ | ୩୭ | ୨୨ | ୨ | ୫୩ | ୧୭ | ୮ | ୧୯୫ |
| | ୨୨-୦୨-୨୦୨୪ | ୦ | ୩୭ | ୨୨ | ୧ | ୬୧ | ୧୮ | ୧୧ | ୨୨୫ |
| | ୨୩-୦୨-୨୦୨୪ | ୦ | ୩୬ | ୨୩ | ୩ | ୫୮ | ୨୩ | ୧୧ | ୨୦୭ |
| | ୨୪-୦୨-୨୦୨୪ | ୫ | ୩୪ | ୨୩ | ୬ | ୪୬ | ୨୦ | ୭ | ୧୬୨ |
| | ୨୫-୦୨-୨୦୨୪ | ୨ | ୩୫ | ୨୩ | ୫ | ୫୭ | ୧୫ | ୭ | ୯୦ |

ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ବର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬

**ପାଣିପାଗ ଭିତ୍ତିକ କୃଷି ଉପଦେଶ**

- ଫସଲରେ ରୋଗ ଓ ପୋକ ର ଉପସ୍ଥିତି କୁ ନିୟମିତ ଯାଞ୍ଚ କରନ୍ତୁ ଏବଂ ଜମିକୁ ଘାସମୁକ୍ତ ରଖନ୍ତୁ ।
- ଫସଲର ଅଭିବୃଦ୍ଧି ପର୍ଯ୍ୟାୟ ଅନୁଯାୟୀ ସନ୍ତୁଳିତ ଏବଂ ଅନୁମୋଦିତ ସାର ପ୍ରୟୋଗ କରି ଜଳ ସେଚନ କରନ୍ତୁ।
- ଆଗୁଆ ବୁଣା ହେଇଥିବା ଫସଲ ଯଥା ମୁଗ, ବିରି, ଚିନାବାଦାମ, ବୁଟ, ମଟର, ମକା ଇତ୍ୟାଦି ଏବେ ଫୁଲ ଧରିବା ଅବସ୍ଥା ରେ ଅଛନ୍ତି। ତେଣୁ ଏହି ଅବସ୍ଥାରେ ପାଣିର ଅଭାବକୁ ଏଡ଼େଇବା ପାଇଁ ଆବଶ୍ୟକ ମତେ ଜଳସେଚନର ବ୍ୟବସ୍ଥା କରନ୍ତୁ।
- ଆମ୍ବ ଗଛରେ ଦହିଆ ପୋକର ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୨ ମିଲି ପ୍ରୋଫେନୋଫୋସ୍ ୫୦% ଇ.ସି. କୁ ମିଶ୍ରଣ କରି ସିଂଚନ କରନ୍ତୁ।
- ଗୋଲାପ ଫୁଲଚାଷରେ ପାଉଁଶିଆ ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧.୫ ଗ୍ରାମ କାରବେନଡାଜିମ ୫୦% ଡବ୍ଲୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ ।
- ଗେଣ୍ଡୁ ଫୁଲଚାଷରେ ଫୁଲଶଢା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୨ ଗ୍ରାମ ମେଙ୍କୋଜେବ ୭୫% ଡବ୍ଲୁ.ପି କିମ୍ବା ୧ ଗ୍ରାମ କାରବେନଡାଜିମ ୫୦% ଦବ୍ଲୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- ଗୃହପାଳିତ ଗାଈ, ମଇଁଷି, ଛେଳି, ମେଣ୍ଢା ମାନଙ୍କୁ ଫାଟୁଆ, ସାହାଣ, ବଜବଜିଆ, ଛେଳି ମଡ଼କ ଓ ଛେଳି ବସନ୍ତ ଆଦି ରୋଗରୁ ରକ୍ଷା କରିବା ପାଇଁ ନିୟମିତ ଅନ୍ତରାଳରେ ଟୀକା ଦାନ କରନ୍ତୁ।

**ଡାଲୁଅ ଧାନ :**

- ୩ ରୁ ୪ ସପ୍ତାହ ହେଇଥିବା ତଳିକୁ ବୁଦାପ୍ରତି ୩-୪ ଟି ହିସାବରେ ଧାଡ଼ି କୁ ଧାଡ଼ି ଏବଂ ବୁଦା କୁ ବୁଦା ୧୫ ସେ.ମି ବ୍ୟବଧାନରେ ସିଧାଭାବରେ ଓ ଅଳ୍ପ ଗଭୀରରେ ରୋପଣ କରନ୍ତୁ।
- **ଘାସ ପରିଚାଳନା:** ମୁଖ୍ୟ ଜମିରେ ଘାସ ନିୟନ୍ତ୍ରଣ ପାଇଁ ବେନସଲଫ୍ୟୁରାନ ମିଥାଇଲ ଓ ପ୍ରିଟିଲାକ୍ଲୋର ର ମିଶ୍ରଣକୁ ଏକର ପିଛା ୪ କି.ଗ୍ରା. ହିସାବରେ ସମାନ ପରିମାଣର ବାଲି ସହିତ ମିଶାଇ ବୁଣିବା କିମ୍ବା ରୋଇବାର ୫ ରୁ ୧୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ନଚେତ ରୋଇବାର ୩ ରୁ ୫ ଦିନ ମଧ୍ୟରେ ୫ ଗ୍ରାମ ପାଇରାଜୋସଲଫ୍ୟୁରାନ ଇଥାଇଲ ୧୦% ଡବ୍ଲୁ.ପି କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଅଥବା ବୁଣିବା କିମ୍ବା ରୋଇବାର ୧୦ ରୁ ୧୫ ଦିନ ମଧ୍ୟରେ ୮ ମିଲିଗ୍ରାମ ବିସ୍ପିରିବିକ ସୋଡିଅମ କୁ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- **ସାର ପରିଚାଳନା:** ଛଟା ବୁଣା ଧାନରେ ପ୍ରଥମ କିସ୍ତି ସାର ହିସାବରେ ଏକର ପିଛା ୨୪ କି.ଗ୍ରା. ୟୁରିଆ ସାରକୁ ବୁଣିବାର ୨୦ ରୁ ୨୫ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ରୁଆ କାର୍ଯ୍ୟ ପାଇଁ ମୁଖ୍ୟ ଜମିକୁ ପ୍ରସ୍ତୁତ କରିଦିଅନ୍ତୁ । ଶେଷଥର କାଦୁଅ କରିବା ସମୟରେ ମୂଳସାର ଭାବେ ଏକର ପିଛା ଡି.ଏ.ପି ୪୪ କି.ଗ୍ରା ଓ ୨୨ କି.ଗ୍ରା. ଏମ.ଓ.ପି ପ୍ରୟୋଗ କରନ୍ତୁ ।

**ରୋଗ ଓ ପୋକ ପରିଚାଳନା:**

- ଛଟା ବୁଣା ଧାନରେ ମହିଷା ରୋଗର ପ୍ରାଦୁର୍ଭାବ ଦେଖା ଦେଉଥିଲେ ପ୍ରତି ୧୦ ଲିଟର ପାଣିରେ ୪ ଗ୍ରାମ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% ଡବ୍ଲୁ. ଜି. କିମ୍ବା ୧୦ ଗ୍ରାମ କାରବେନଡାଜିମ୍ ୫୦% ଡବ୍ଲୁ.ପି. କିମ୍ବା ୧୦ ମି.ଲି. ଏଡିଫେନୋଫୋସ୍ ୫୦% ଇ.ସି. କୁ ମିଶ୍ରଣ କରି ସିଂଚନ କରନ୍ତୁ।
- ପତ୍ରପୋଡ଼ା ରୋଗ ପ୍ରାଦୁର୍ଭାବ ଅଞ୍ଚଳରେ ତଳି ମୂଳକୁ ୦.୧% ପ୍ଲାନଟୋମାଇସିନ ଦ୍ରବଣରେ (୧ଗ୍ରାମ ପ୍ରତି ୧ ଲିଟର ପାଣି ହିସାବରେ ) ୩୦ ମିନିଟ ପର୍ଯ୍ୟନ୍ତ ବୁଡ଼ାଇ ରୋପଣ କରନ୍ତୁ।
- ରୋଇବା ପରେ ପରେ କାଣ୍ଡବିନ୍ଧା ଓ ପତ୍ରମୋଡ଼ା ପୋକର ନିରୀକ୍ଷଣ ପାଇଁ ଏକର ପିଛା ଟ୍ରାପ୍ ପ୍ରତି ୫ ମିଲିଗ୍ରାମ ଲିଓର ସହିତ ୩ ଟି ଫେରୋମୋନ ଟ୍ରାପ ଲଗାନ୍ତୁ । ଯଦି ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ହେଇଯିବ ତେବେ ପ୍ରତି ଏକ ଲିଟର ପାଣିରେ ୪ ମିଲିଗ୍ରାମ ଆଜାଡିରକଟିନ୍ ୦.୧୫% ନିମ୍ବ ଜାତୀୟ ଔଷଧ କିମ୍ବା ଦାନାଦାର ଔଷଧ ଭାବରେ ଏକର ପିଛା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ ୪ଜି କୁ ସମାନ ପରିମାଣର ବାଲି ସହିତ ମିଶାଇ ଜମିରେ ପ୍ରୟୋଗ କରନ୍ତୁ।

**ମୁଗ ଓ ବିରି :**

- **ଜଳସେଚନ:** ବର୍ତମାନ ମୁଗ ଓ ବିରିରେ ଫୁଲ ଧରିବା ସମୟ । ତେଣୁ ମୁଗ ଓ ବିରି ଫସଲରେ ଜଳର ଆବଶ୍ୟକତା ପାଇଁ ଏହା ସଙ୍କଟଜନକ ସମୟ । ଏହି ସମୟରେ ଜମିରେ ଜଳର ଅଭାବ ହେବା ଉଚିତ ନୁହଁ ।
- **ରୋଗ ଓ ପୋକ ପରିଚାଳନା:**
- **ସାହେବୀ ରୋଗ/ଜଉ ପୋକ/ ପତ୍ର ଡିଆଁ ପୋକ/ଉକୁଣିଆ ପୋକ :** ସାହେବୀ ରୋଗର ଉପସ୍ଥିତି ଦେଖା ଦେଉଥିଲେ ସଂକ୍ରମିତ ହେଇଥିବା ଗଛ ଗୁଡ଼ିକୁ ଅପାଡ଼ି ମାଟି ତଳେ ପୋତି ଦିଅନ୍ତୁ। ଶୋଷକ କୀଟ ସମୂହର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ବା କାର୍ଡ ଏବଂ ଉକୁଣିଆ ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ନୀଳ ରଙ୍ଗର ଯନ୍ତା ବା କାର୍ଡ କୁ କୁ ଜମିରେ ଫସଲର ଅଙ୍ଗୀୟ ଅବସ୍ଥାରେ ଲଗାନ୍ତୁ । ରସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୧ ଗ୍ରା. ଥିଓମେଥୋକ୍ସମ୍ ୨୫% ଡବ୍ଲୁ .ଜି କିମ୍ବା ୧.୫ ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮% ଏସ.ଏଲ. କୁ ପ୍ରତି ପାଞ୍ଚ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ।
- **ପାଉଁଶିଆ ରୋଗ :** ଏହି ରୋଗର ପ୍ରତିକାର ପାଇଁ ୧ ଗ୍ରାମ କାରବେନଡାଜିମ ୫୦% ଡବ୍ଲୁ .ପି କିମ୍ବା ୦.୫ ମି.ଲି ପେନକୋନାଜୋଲ ୧୦% ଇ.ସି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଚିନାବାଦାମ:**

**ରୋଗ ଓ ପୋକ ପରିଚାଳନା:**

- **ଧଳାମାଛି/ ଜଉ/ ପତ୍ର ଡିଆଁ ପୋକ/ ଉକୁଣିଆ ପୋକ:** ଶୋଷକ କୀଟ ସମୂହର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ବା କାର୍ଡ ଏବଂ ଉକୁଣିଆ ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ନୀଳ ରଙ୍ଗର ଯନ୍ତା ବା କାର୍ଡ କୁ କୁ ଜମିରେ ଫସଲର ଅଙ୍ଗୀୟ ଅବସ୍ଥାରେ ଲଗାନ୍ତୁ । ରସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୧ ଗ୍ରା. ଥିଓମେଥୋକ୍ସମ୍ ୨୫% ଡବ୍ଲୁ .ଜି କିମ୍ବା ୧.୫ ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮% ଏସ.ଏଲ. କୁ ପ୍ରତି ପାଞ୍ଚ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ।
- **ତମ୍ବାଖୁ ପତ୍ରଖିଆ ପୋକ:** ପ୍ରତିକାର ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮ ଟି ସ୍ପୋଡୋ ଲିଓର ଲାଗିଥିବା ଫେରୋମୋନ ଟ୍ରାପ୍ ବା ସଙ୍ଗ ଆକର୍ଷକ ଜନ୍ତା ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଓର କୁ ବଦଳାଇ ଦିଅନ୍ତୁ ।

**ସଙ୍କର ମକା :**

- **ଘାସ ପରିଚାଳନା:** ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ମଞ୍ଜି ବୁଣିବାର ୨୦ ରୁ ୨୫ ଦିନ ମଧ୍ୟରେ ପ୍ରତି ୧୦ ଲିଟର ପାଣିରେ ୬ ମି.ଲି ଟେମ୍ବୋଟ୍ରାଇଓନ ୩୪.୪% ଏସ.ସି କିମ୍ବା ୧.୫ ଗ୍ରାମ ଟୋପ୍ରାମିଜୋନ ୩୩.୬% ଏସ.ସି କୁ ଭଲଭାବେ ମିଶାଇ ସିଞ୍ଚନ କରନ୍ତୁ।
- **ସାର ପରିଚାଳନା:** ମଞ୍ଜି ବୁଣିବାର ୨୦ ରୁ ୨୫ ଦିନ ହେଇଯାଇଥିଲେ ପ୍ରଥମ କିସ୍ତି ସାର ଭାବରେ ଏକର ପିଛା ୭୫ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ମଞ୍ଜି ବୁଣିବାର ୪୦ ରୁ ୪୫ ଦିନ ହେଇଯାଇଥିଲେ ଦ୍ବିତୀୟ କିସ୍ତି ସାର ଭାବରେ ଏକର ପିଛା ୪୫ କିଲୋଗ୍ରାମ ୟୁରିଆ +୨୦ କିଲୋଗ୍ରାମ ଏମ୍.ଓ.ପି.ସାର ପ୍ରୟୋଗ କରନ୍ତୁ ।

**କୀଟ ପରିଚାଳନା:**

- **ଜଉ ଓ ଉକୁଣିଆ ପୋକ:** ପ୍ରତିକାର ଲାଗି ପ୍ରତି ପାଞ୍ଚ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲୁ .ଜି କିମ୍ବା ୧.୫ ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮% ଏସ.ଏଲ. କୁ ମିଶ୍ରଣ କରି ସିଂଚନ କରନ୍ତୁ।
- **କାଣ୍ଡବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୨ ମି.ଲି. ହିସାବରେ ଫିପ୍ରୋନିଲ ୫% ଏସ.ସି. କିମ୍ବା ପ୍ରୋପେନୋଫୋସ ୫୦% ଇ.ସି. କୁ ମିଶାଇ ସିଂଚନ କରନ୍ତୁ।
- **ଫଲ ଆର୍ମି ୱର୍ମ:** ଏହି କୀଟର ନିୟନ୍ତ୍ରଣ ନିମନ୍ତେ ପ୍ରତି ପାଞ୍ଚ ଲିଟର ପାଣିରେ ୨ ଗ୍ରା. ଇମାମେକଟିନ୍ ବେନଜୋଏଟ୍ କୁ ମିଶାଇ ସିଂଚନ କରନ୍ତୁ ।

**ପନିପରିବା :**

**ଟମାଟୋ:**

**ରୋଗ ଓ କୀଟ ପରିଚାଳନା:**

- **ଝାଉଁଳା ଓ ପତ୍ର ପୋଡ଼ା ରୋଗ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧ ଗ୍ରାମ କରବେନଡାଜିମ ସହିତ ୧ଗ୍ରାମ ପ୍ଲାନଟୋମାଇସିନ କୁ ମିଶ୍ରଣ କରି ଗଛ ମୂଳରେ ସିଞ୍ଚନ କରନ୍ତୁ।
- **ଫଳ ଓ କାଣ୍ଡବିନ୍ଧା ପୋକ :** ନିୟନ୍ତ୍ରଣ ପାଇଁ ଏକର ପ୍ରତି ଦୁଇଟି ଲେଖାଏଁ ଫେରୋମୋନ ଟ୍ରାପ ବ୍ୟବହାର କରନ୍ତୁ କିମ୍ବା ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୩ ମି.ଲି କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫%ଏସ.ସି କିମ୍ବା ୧୦ ମି.ଲି. ଇନଡୋକ୍ସାକାର୍ବ ୧୪.୫% ଏସ.ସି କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- **ପତ୍ରଦାଗ/ପାଉଁଶିଆ ରୋଗ:** ପ୍ରତି ଏକ ଲିଟର ପାଣିରେ ୬ ଗ୍ରାମ ଆଜୋକ୍ସିଷ୍ଟ୍ରୋବିନ ୪.୮% + କ୍ଲୋରୋଥାଲୋନିଲ ୪୦% ଏସ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।

**ଫୁଲ କୋବି ଓ ବନ୍ଧା କୋବି:**

କୀଟ ପରିଚାଳନା:

- **ଠିକିରି ପିଠିଆ ପ୍ରଜାପତି ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି ଫିପ୍ରୋନିଲ୍ ୫% ଏସ.ସି କିମ୍ବା ୪ ମି.ଲି କ୍ଲୋରୋପାଇଫୋସ୍ ୨୦ % ଇ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ତମ୍ବାଖୁ ପତ୍ରଖିଆ ପୋକ:** ନିୟନ୍ତ୍ରଣ ପାଇଁ ୬ ମି.ଲି ସିନଟ୍ରାନିଲିପ୍ରୋଲ ୧୦.୨୬% ଓ.ଡି କୁ ୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- **ଜଉ ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି **କୁ** ମିଶାଇ ସିଞ୍ଚନ କରନ୍ତୁ ।

**ଲଙ୍କା :**

ରୋଗ ଓ କୀଟ ପରିଚାଳନା:

- **ଉକୁଣିଆ ପୋକ**: ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା ଲଗାନ୍ତୁ । ରାସାୟନିକ ଉପାୟରେ ସଂକ୍ରମଣ ରୋକିବା ପାଇଁ ପ୍ରତି ୫ ଲିଟର ପାଣିରେ ଇମାମେକ୍ଟିନବେଞ୍ଜୋଏଟ୍ ୫% ଏସ୍.ଜି. ୨ ଗ୍ରା. କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. ୧୦ ମି.ଲି. କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୧.୫ ମି.ଲି ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ଫଳସଢ଼ା ରୋଗ**: ପ୍ରତିକାର ପାଇଁ ଏକ ଲିଟର ପାଣିରେ ଆଜୋକ୍ସିଷ୍ଟ୍ରୋବିନ୍ ୮.୩% + ମଙ୍କୋଜେବ ୬୬.୭% ଡବ୍ଲୁଜି ୩ ଗ୍ରାମ୍ କିମ୍ବା ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲୁଜି ୦.୫ ଗ୍ରା. ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।

**ବାଇଗଣ:**

କୀଟ ପରିଚାଳନା:

- **କାଣ୍ଡ ଓ ଫଳ ବିନ୍ଧା ପୋକ**: ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପିଛା ୮ ଟି ଫେରୋମୋନ୍ ଟ୍ରାପ୍ (ଆକର୍ଷକ ଜନ୍ତା) କିମ୍ବା ୱାଟା ଟ୍ରାପ୍ ଜମିରେ ଲଗାନ୍ତୁ । ରାସାୟନିକ ପଦ୍ଧତିରେ ନିୟନ୍ତ୍ରଣ ପାଇଁ ପ୍ରତି ୧୫ ଲିଟର ପାଣିରେ ସ୍ପିନୋସାଡ ୪୫% ଏସ.ସି ୫.୫ ମିଲିଗ୍ରାମ ନଚେତ ପ୍ରତି ଏକ ଲିଟର ପାଣିରେ ୨ ମିଲିଗ୍ରାମ ଥିଓଡିକାର୍ବ ୭୫% ଡବ୍ଲୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ଧଳା ମାଛି:** ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮-୧୦ ଟି ଅଠା ଲାଗିଥିବା ହଳଦିଆ ଯନ୍ତା ବ୍ୟବହାର କରନ୍ତୁ । ସଂକ୍ରମିତ ହେବାର ପ୍ରଥମ ଅବସ୍ଥାରେ ୩୦ ମି.ଲି ନିମ୍ବ ଆଧାରିତ କୀଟନାଶକ (ଆଯାଡିରାକଟିନ୍ ୧୫୦୦ ପିପିଏମ୍ ) କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ପିଆଜ :**

ରୋଗ ପରିଚାଳନା:

- **ବାଇଗଣି ଦାଗ (ପରପଲ ବ୍ଲୋଚ୍) :** ଏହି ରୋଗର ନିୟନ୍ତ୍ରଣ ପାଇଁ ଡାଇଫେନୋକୋନାଜୋଲ୍ ୨୫% ଇ.ସି କିମ୍ବା ଟେବୁକୋନାଜୋଲ୍ ୨୫.୯% ଇ.ସି କିମ୍ବା କିଟାଜିନ୍ ୪୮% ଇ.ସି କୁ ୧ ମିଲିଗ୍ରାମ ହିସାବରେ ପ୍ରତି ଏକ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ ।

**ପଶୁପାଳନ:**

- **ଗାଈ ଓ ମଇଁଷି :** ଦୁଗ୍ଧ ଦେଉଥିବା ପ୍ରାଣୀ ମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଦାନା ଓ ସବୁଜ ଘାସ ଯୋଗାଇ ଦିଅନ୍ତୁ।
- **କୁକୁଡ଼ା:** କୁକୁଡ଼ା ଚିଆଁ ମାନଙ୍କୁ ଆବଶ୍ୟକୀୟ ଟୀକାକରଣ କରିବା ସଙ୍ଗେ ସଙ୍ଗେ ପ୍ରଥମ ୨ ରୁ ୩ ସପ୍ତାହ ପର୍ଯ୍ୟନ୍ତ ଉପଯୁକ୍ତ ତାପମାତ୍ରା ପ୍ରଦାନ କରନ୍ତୁ। କୁକୁଡ଼ା ଘରକୁ ନିୟମିତ ଭାବେ ସଫା ରଖନ୍ତୁ ଓ ଚଟଣାକୁ ଆର୍ଦ୍ରତା ମୁକ୍ତ କରନ୍ତୁ।
- **ଛେଳି:** ସନ୍ତସନ୍ତିଆ ଚଟାଣ ଠାରୁ ସୁରକ୍ଷା ପ୍ରଦାନ କରନ୍ତୁ। ୨ ରୁ ୩ ମାସର ଛେଳି ଛୁଆମାନଙ୍କୁ ପ୍ରତିଦିନ ୫୦ ରୁ ୧୦୦ ଗ୍ରାମ ଦାନା ଖାଦ୍ୟ ଯୋଗାଇ ଦିଅନ୍ତୁ। ଏହାଦ୍ୱାରା ଛୁଆମାନଙ୍କର ସଠିକ ଶାରୀରିକ ବୃଦ୍ଧି ହେଇଥାଏ।

ନୋଡାଲ ଅଫିସର

ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**